# ନୃସିଂହ ଗୁରୁଙ୍କ ସାମ୍ବାଦିକତା

ଡ଼:ଘନଶ୍ୟାମ ରଥ

ସ୍ୱର୍ଗତ ନୃସିଂହ ଗୁରୁଙ୍କ ସାମ୍ବାଦିକତା ସହିତ ତାଙ୍କର ବ୍ୟକ୍ତିଗତ ଜୀବନର ବହୁ ସାମଞ୍ଜସ୍ୟ ଥିଲା । ପ୍ରାକ୍ ସ୍ୱାଧୀନତା ସମୟରେ ସେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ଦେଶ ଓ ଦଶର ସେବା ତାଙ୍କ ଜୀବନର ମୂଳ ଲକ୍ଷ୍ୟ ଥିଲା । ସେ ସବୁବେଳେ ଖଦଡ ବ୍ୟବହାର କରୁଥିଲେ । ପାଦରେ ଜୋତା କେବେ ବ୍ୟବହାର କରୁ ନଥିଲେ । ଶୀତକାକର, ଗ୍ରୀଷ୍ମତାପ ଏବଂ ଧାରାଶ୍ରାବଣରେ ସୁଦ୍ଧା ଖାଲି ପାଦରେ ଯାଆସ କରୁଥିଲେ । ପ୍ରତ୍ୟେକ କାର୍ଯ୍ୟକ୍ରମରେ ଠିକ ସମୟରେ ଉପସ୍ଥିତ ହେଉଥିଲେ । ସେ ସବୁବେଳେ ଚାଲିଚାଲି ଯାଉଥିଲେ । ସମ୍ବଲପୁର ସହରରେ ଗାଡି ବା ରିକ୍ସା ବ୍ୟବହାର କରୁ ନଥିଲେ । ରୋଗ ତାଙ୍କଠାରୁ ବହୁ ଦୂରରେ । ଏଇଠି ସେଇଠି ଖାଉ ନ ଥିଲେ । ହୋଟଲରେ ପାଣି ସୁଦ୍ଧା ସ୍ପର୍ଶ କରୁନଥିଲେ । ସାମ୍ବାଦିକ ସମ୍ମିଳନୀମାନଙ୍କରେ ସେ ଖାଉ ନ ଥିଲେ । ନିଜ ସ୍ୱାସ୍ଥ୍ୟର ନିଜେ ହିଁ ବଇଦ ଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ । ସାମ୍ବାଦିକତାରେ ପଶ୍ଚିମ ଓଡିଶାରେ ସେ ଅଗ୍ରଦୂତ ଥିଲେ । ଯେ କୌଣସି ବିଷୟର ସମ୍ବାଦ ଅତି ସଂକ୍ଷିପ୍ତରେ ସେ ପରିବେଷଣ କରୁଥିଲେ । ସାମ୍ବାଦିକତା କ୍ଷେତ୍ରରେ କୌଣସି ଠାରେ ସେ ବାଦାନୁବାଦରେ ଭାଗ ନେଉ ନ ଥିଲେ । ଅନ୍ୟାୟ ବିରୁଦ୍ଧରେ ପ୍ରତ୍ୟକ୍ଷ ଭାବରେ ମୁହଁରେ ଯେପରି ପ୍ରକାଶ କରୁଥିଲେ ସମ୍ବାଦ ଜରିଆରେ ମଧ ସେପରି ସ୍ୱର ଉତ୍ତୋଳନ କରୁଥିଲେ । ହକର ଅଭାବରେ ନିଜେ ପାଦରେ ଚାଲି ଚାଲି ସମାଜ ବାଣ୍ଟିବା କାର୍ଯ୍ୟ ମଧ ସମୟ ସମୟରେ ତୁଲାଉ ଥିଲେ ।

ନିର୍ଭିକ ସାମ୍ବାଦିକତା ତାଙ୍କର ଲକ୍ଷ୍ୟ ଥିଲା । ସତ୍ୟ ସମ୍ବାଦ ପରିବେଷଣ କରୁଥିଲେ ।

ନୃସିଂହ ଗୁରୁ ସାମ୍ବାଦିକତା କ୍ଷେତ୍ରରେ ସମ୍ବଲପୁରର ଏକ ସ୍ତମ୍ଭ ଥିଲେ । ତାଙ୍କ ଦୃଷ୍ଟିରେ ସାମ୍ବାଦିକତା ଏକ ଗୌରବମୟ ପରମ୍ପରା । ସାମ୍ବାଦିକ ମାନେ ଆଦର୍ଶ ଚରିତ୍ରବାନ୍ ଏବଂ କଠୋର ଅଧ୍ୟବସାୟୀ ହେବା ଉଚିତ ।

ଭାରତର ସ୍ୱାଧୀନତା ସଂଗ୍ରାମ ସହିତ ପତ୍ର ପତ୍ରିକାର ପ୍ରସାର ସହ ଆନୁପାତିକ ପ୍ରାକ୍ ସ୍ୱାଧୀନ ଭାରତରେ ପତ୍ରପତ୍ରିକା ପ୍ରକାଶନ ସୀମିତ ଥିଲା । ତଥାପି ସାମ୍ବାଦିକମାନଙ୍କର ସ୍ୱାର୍ଥ ରକ୍ଷା ପାଇଁ କୌଣସି ପ୍ରତିନିଧି ମୂଳକ ସଂଗଠନ ନଥିଲା, କିନ୍ତୁ ସାମ୍ବାଦିକମାନଙ୍କର ସମ୍ବଳ ଥିଲା ଦାୟିତ୍ୱ ବୋଧ । ସେମାନେ ଶିକ୍ଷିତ ଶ୍ରେଣୀ ଏବଂ ରାଜାରାଜୁଡା ମାନଙ୍କର ଭକ୍ତିଭାଜନ ହୋଇ ସୁଦ୍ଧା ଖୁବ ସଚ୍ଚୋଟ ଭାବରେ, ନିର୍ଭିକ ଭାବରେ ସରକାରି କଳର ତ୍ରୁଟି ବିଚ୍ୟୁତିର ସମାଲୋଚନା କରୁଥିଲେ । ନିଆଁଖୁଣ୍ଟାର ସଂପାଦକ ଗୋଦାବରୀଶ ମହାପାତ୍ର ଏହାର ଜ୍ୱଳନ୍ତ ଉଦାହରଣ । ନିଜ ସ୍ୱାର୍ଥ ରକ୍ଷାର ସମ୍ବଳ ଅଭାବରେ ମଧ ନିଜ ନିଜର କର୍ତ୍ତବ୍ୟରେ ସେମାନେ ହେଳା କରୁ ନଥିଲେ । ଇଂରେଜ ସରକାରଙ୍କ ଶାସନ କାଳରେ ମଧ ସାମ୍ବାଦିକମାନଙ୍କର ଭୂମିକା ଅତି ଉଚ୍ଚରେ ଥିଲା । ନୃସିଂହ ଗୁରୁ ପ୍ରାକ୍ ସ୍ୱାଧୀନତା ସମୟର ସାମ୍ବାଦିକ । ନୃସିଂହ ଗୁରୁଙ୍କ ଦୃଷ୍ଟିରେ ସ୍ୱାଧୀନତା ପରେ ସାମ୍ବାଦିକତାର ମାନ ହ୍ରାସ ପାଉଛି । ସାମ୍ବାଦିକ ମାନଙ୍କର ଗୁଡ଼ିଏ ସଂଗଠନ ହୋଇଛି । କିନ୍ତୁ ସାମ୍ବାଦିକମାନଙ୍କ ଦାୟିତ୍ୱବୋଧର ଅଭାବ ଦେଖାଯାଉଛି । ଅଧିକାଂଶ ପତ୍ରପତ୍ରିକା, ଦଳ ଓ ବ୍ୟକ୍ତି ବିଶେଷଙ୍କ ମାଲିକାନାଭୁକ୍ତ ହେବାରୁ ସାମ୍ବାଦିକମାନେ ନିରପେକ୍ଷ ସମ୍ବାଦ ପରିବେଷଣ କରି ପାରୁ ନାହାଁନ୍ତି । ଅନେକ ପତ୍ରିକା, ବ୍ୟକ୍ତି ବିଶେଷ ଓ ଆଞ୍ଚଳିକତାକୁ ପ୍ରାଧାନ୍ୟ ଦେଉଥିବା ଦୁର୍ଭାଗ୍ୟର ବିଷୟ । ଯୋଗ୍ୟ ବ୍ୟକ୍ତି ଯୋଗ୍ୟତା ଅନୁପାତରେ ସମ୍ମାନ ପାଏ । ସମ୍ମାନ ଦାବି ଉପରେ ମିଳେ ନାହିଁ । ଶିକ୍ଷାଗତ ଯୋଗ୍ୟତା ଅର୍ଥ ଉପାର୍ଜନ ପାଇଁ ଆବଶ୍ୟକ ହୋଇ ପାରେ କିନ୍ତୁ ଦାୟିତ୍ୱବୋଧ ନଥିଲେ ଏହି ଯୋଗ୍ୟତା ନିରର୍ଥକ ଏବଂ ସମାଜ ଉପରେ ତାର ପ୍ରଭାବ ପଡି ନ ପାରେ । ପୃଥିବୀର ସଂକଟମୟ ପରିସ୍ଥିତି ସମୟରେ ସାମ୍ବାଦିକମାନଙ୍କର ଆନ୍ଦୋଳନ ଅପେକ୍ଷା ଦାୟିତ୍ୱବୋଧ ପ୍ରତି ସଚେତନତା ଯେ ସମାଜର କଲ୍ୟାଣ ସାଧନ କରି ପାରିବ ଏହା ତାଙ୍କ ବ୍ୟକ୍ତିଗତ ମତ ଥିଲା । ଉତ୍ତେଜନାମୂଳକ ସମ୍ବାଦ ପରିବେଷଣ ବିଶୃଙ୍ଖଳା ଉଦ୍ରେକ ଦିଗରେ ସହାୟକ ହୋଇଥାଏ । ସାମ୍ବାଦିକମାନେ କର୍ତ୍ତବ୍ୟ ସାଧନ ବେଳେ ସଂଯମ ରକ୍ଷା କରିବା ଉଚିତ ବୋଲି ସେ ସବୁବେଳେ ସାମ୍ବାଦିକମାନଙ୍କୁ ଉପଦେଶ ଦେଉଥିଲେ ।

ଭାରତର ସ୍ୱାଧୀନତା ଆନ୍ଦୋଳନଠାରୁ ଆରମ୍ଭ କରି ନ ଭାରତର ପତ୍ରପତ୍ରିକା ତଥା ସାମ୍ବାଦିକତା କ୍ଷେତ୍ରରେ ସ୍ୱର୍ଗତ ନୃସିଂହ ଗୁରୁ ଅବଦାନ ଅବିସ୍ମରଣୀୟ ।

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସାମ୍ବାଦିକ ସ୍ୱର୍ଗତ ନୃସିଂହ ଗୁ ଆମ୍ଭମାନଙ୍କର ସର୍ବଦା ସ୍ମରଣୀୟ ଏବଂ ପୂଜ୍ୟ । ପୂଜ୍ୟ ପୂଜା ଆମ ସମାଜ ଏକ ଦାୟିତ୍ୱ । ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ସ୍ମରଣିକା ପ୍ରକାଶନ ପାଇଁ ସମିତି । ଧନ୍ୟବାଦାର୍ହ ।